# ଆମ ଘର



ବାସୁଦେବ ସୁନାନୀ

୧୯୯୪ କି ୯୫ର କଥା ।
ସେତେବେଳେ
ଧାନକଟା ବିଲର ଶୀତୁଆ ନଢ଼େଇରେ
କାକର ଶୁଖି ଶୁଖି ଆସୁଥାଏ,

ସୂର୍ଯ୍ୟକୁ ପଛକରି
ବାପା ପୁହାଉଥିଲେ ମଧୁର ମଧୁର ଖରା
ଆମେ ସମସ୍ତେ ଥାଉ ତାଙ୍କ ପାଖରେ ।

କହିଲେ,
"ଘରଟିଏ ଗଢ଼ିବା !
ପୁରୁଣା ଘର ଉଜୁଡ଼ି ଗଲାଣି,
ସମୁଦି ସିଆନ୍
ପୁଅ-ଝିଅ, ନାତୀ-ନାତେନ୍
ବଢ଼ି ଗଲେଣି
ତମେମାନେ ପୁଣି ପାଞ୍ଚ ଲୋକରେ
ଲୋକ ବୋଲେଇ ହେଲଣି"

ଗଢ଼ିଲୁ ଏକ ଘର
ବରଗଛ ସମାନେ
ଡାହି, ଡାଳ, ଓହଳନେଇ
ବଢ଼ି ଚାଲିଲା,
ପୁଅ, ବୋହୂ, ନାତି, ନାତେନ୍
ପରିବାରର ସବୁ ସଦସ୍ୟଙ୍କୁ ଦେଲା
ଆଶ୍ରୟ, ଆଦର !
ଏବେ ୨୦୧୬-୧୭ ।
ବାପା, ମା'
ଯିଏ ଅଳି କରିଥିଲେ ଘରପାଇଁ
ସେମାନେ ଆରପାରିରେ ରହିଲେଣି ।

ଆମ ଘର
ଏବେ ପୁରୁଣା ହେଲାଣି,
ମଝି ମଝିରେ କାନ୍ଥ ଫାଟି ଗଲାଣି,

ଆମେ ଭାଇ ଭାଇ
ଏବେ ସେଇ ବରଗଛର
ଭିନ୍ନ ଭିନ୍ନ ଓହଳ ଓ ଡାହି,

ମାଟି ଖୋଳୁଛୁ
ଅଲଗା ଅଲଗା ହେଇ
ନିଜ ନିଜ ଚେର ଲଗେଇବା ପାଇଁ,

ଏଣେ ଐତିହ୍ୟ ଗଣ୍ଡିଯେ ଫମ୍ପା,
ଶୁଖି କାଠ ହେବାକୁ ବସିଲାଣି

କେଜାଣି !
ବାପାଙ୍କ ସ୍ୱପ୍ନର
'ଘର' ନାମକ ମୂଳଗଣ୍ଡିରେ
ଜୀବନ୍ତ ଅଛି ନା ନାଇଁ ?

*ଯୁଗ୍ମ ନିର୍ଦ୍ଦେଶକ,*
*ଭେଟେରିନାରୀ ଅଫିସର୍ସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍,*
*ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬*